# ଦେବୀ ନୃତ୍ୟରେ ମା'ଭଗବତୀଙ୍କ ପୀଠ ଚଳ ଚଞ୍ଚଳ





**ବାଲୁଗାଁ, (ତ୍ରିଲୋଚନ ସାହୁ) :** ଶରତ ଆକାଶରେ ଭସାମେଘର ମହ୍ଲାର । ନଦୀପଠାରେ କାଶତଣ୍ଡିର ସମ୍ଭାର, ଲହରାୟିତ ଦୋଳି ଖେଳ । ଧରଣୀରାଣୀ ସବୁଜ ଶସ୍ୟରେ ଉଲ୍ଲସିତ ଉଚ୍ଛାଟିତ । ନଦନଦୀର କାଚକେନ୍ଦୁ ପାଣିରେ ନିର୍ମଳ ଦିଶୁଛି ବଗଲାବଗୁଲିର ଧୋବ ଫରଫର ମୁହଁ । ଗାଡ଼ିଆ ପୁଷ୍କରିଣୀରେ ଢଳଢ଼ଳ ନୀଳକଇଁ ଜହ୍ନକୁ ଚାହିଁ ଦୋହଲୁଛି ପାଖୁଡ଼ା ମେଲାଇ । ପତ୍ରରେ ଝରା ଶିଶିରର ବିନ୍ଦୁ ବିନ୍ଦୁ ମୁକ୍ତା । କୀଟଠାରୁ ବ୍ରହ୍ମଯାଏ ସଭିଙ୍କ ମନ ଉଲ୍ଲସିତ ,ଉଚ୍ଛାଟିତ, କାରଣ ମା' ଆସୁଛନ୍ତି ଧରାପୃଷ୍ଟକୁ । ସଭିଙ୍କମନରେ ଅସୁମାରୀ ଆନନ୍ଦ୍ୟ ଶକ୍ତିମୟୀ ସେ, ଭକ୍ତିମୟୀ କରୁଣାମୟୀ ସେ, କଲ୍ୟାଣମୟୀ । ସଚରାଚ୍ର ଜୀବଜଗତ ତାଙ୍କଠାରୁ ସୃଷ୍ଟି । ସେ ସୃଷ୍ଟିକାରିଣୀ ,ପାଳନ କାରିଣୀ ଏବଂ ସଂହାରକାରିଣୀ ମା' । ମାତୃଶକ୍ତିର ଉପାସନା ପୀଠ ବାଣପୁର କାହିଁ କେଉଁ କାଳରୁ ଘଣ୍ଟ ଶିଳାପାହାଡ଼ର ପାଦଦେଶରେ କୁଳୁକୁଳୁ ଗୀତ ଗାଇ ବହି ଯାଉଥିବା ସ୍ରୋତସ୍ୱିନୀ ଶାଳିଆର ତଟ ଦେଶରେ ବିରାଜିତା ମା'ଭଗବତୀ । ବିଶ୍ୱାସର ଦେବୀ ଭଗବତୀ । ତାଙ୍କୁ ଆଧାର କରି କେତେ ପୂଜା ପାର୍ବଣ, କେତେ ଲୋକ କଥା, କେତେ ପୁରାଣ ଶାସ୍ତ୍ର ଭିତରେ ବର୍ଣ୍ଣନା, କେତେ ନୀତିକାନ୍ତି । ସବୁଥିରେ ସ୍ୱାତନ୍ତ୍ର୍ୟତା ବହନ କରୁଥିବା ଏହି ଦେବୀପୀଠର ଶାରଦୀୟ ପର୍ବ ନିଆରା ଢ଼ଙ୍ଗରେ ପାଳନ କରାଯାଏ । ସମଗ୍ର ଭାରତ ବର୍ଷର ଦେବୀପୀଠମାନଙ୍କରେ ଏହି ପର୍ବଯେପରି ଭାବରେ ପାଳନ କରାଯାଏ, ଏହି ପୀଠରେ କିନ୍ତୁ ଦୁର୍ଗାପୂଜା ସଂପୂର୍ଣ୍ଣ ଭିନ୍ନ । ଏଠାରେ ମା'ଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା ଆରାଧନା କରାଯାଉଥିବାର ବିଧି ରହିଛି । କାରଣ ତାଙ୍କ ନୀତିକାନ୍ତି, ବେଶଭୂଷା, ସଂପୂର୍ଣ୍ଣ ଆଦିମ ଜନଯାତିଙ୍କ ଦ୍ୱାରା ପରିକଳ୍ପିତ ପରି ମନେହୁଏ । ଅନ୍ୟାନ୍ୟ ପୀଠମାନଙ୍କରେ ମା'ଙ୍କ ଚଳନ୍ତି ପ୍ରତିମା, ପିତୁଳା ପ୍ରତିମା ହୋଇଥିବାବେଳେ ମା'ଭଗବତୀଙ୍କ ଚଳନ୍ତି ପ୍ରତିମା ଏକ ସ୍ତମ୍ଭସଦୃଶ୍ୟ ଯାହାଙ୍କୁ ସ୍ତମ୍ଭେଶ୍ୱରୀ ବୋଲି ପରିକଳ୍ପନା କରାଯାଇଛି । ଶାରଦୀୟ ପର୍ବ ଆରମ୍ଭରୁ ମା ଉତ୍ତାଳ ନୃତ୍ୟ କରି ପର୍ବ ଗୃହକୁ ଯାତ୍ରା କରୁଥିବାର ଦୃଶ୍ୟ ଅନ୍ୟପୀଠମାନଙ୍କରେ ଦେଖିବାକୁ ମିଳେନାହିଁ । ମା' ସ୍ତମ୍ଭେଶ୍ୱରୀଙ୍କ ବେଶଭୂଷାରେ ବ୍ୟବହୃତ ବିଭିନ୍ନ ରଂଗ ବେରଙ୍ଗର ପାଟବସ୍ତ୍ରର କୁଞ୍ଚିକାନି, ସହିତ ମନ୍ଦାର ମାଳ, ବେଲପତ୍ରର ଆଭୂଷଣ ପରିଧାନ ଶୈଳୀ ଦେଖିଲେ ମନରେ ହୃଦୟରେ ସ୍ୱତସ୍ଫୃତ ଭକ୍ତିଭାବନା ଯାଗ୍ରତ ହୋଇଯାଏ । ଭକ୍ତଟିର ହାତ ଆପେ ଆପେ ଯୋଡ଼ି ହୋଇଯାଏ । ଭକ୍ତି ଭାବନାରେ ମଥା ନଇଯାଏ । ଆଦ୍ୟ ଶରତର ଆସର ଶାରଦୀୟ ପର୍ବ, ଏହି ସମୟରେ ସମଗ୍ର ପୁରପଲ୍ଲୀ ,ସହରନଗର ମାତୃଶକ୍ତିର ଆବାହନୀରେ ମାତୃବନ୍ଦନା ମନ୍ତ୍ରର ଝଙ୍କାର ରେ ଝଙ୍କୃତ ହୁଏ, ଦିଗରୁ ଦିଗନ୍ତ । ମନ୍ଦିର, ମଣ୍ଡପରେ ସର୍ବତ୍ର ଯାଦେବୀ ସର୍ବଭୂତେଷୁର ସମ୍ମିଳିତ ସ୍ୱର । ଏହି ଅବସରରେ ବାଣପୁରର ବଡ଼ ଦାଣ୍ଡରେ ଦେବୀ ନୃତ୍ୟ । ସତେଯେପରି ଶୁମ୍ଭ ନିଶୁମ୍ଭ ମହିଶ ପରି ଅସୁରମାନଙ୍କୁ ସଂହାର କରିବାପାଇଁ ମା' ଉଦଣ୍ଡ ନୃତ୍ୟର ଘଣ୍ଟ, କାହାଳୀ ବାଦ୍ୟନାଦର ତାଳେ ତାଳେ ଏହି ଦୁର୍ଲଭ ନୃତ୍ୟକୁ ଦର୍ଶନ କରିବାପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ଶାରଦୀୟ ପର୍ବକୁ ଅତ୍ୟନ୍ତ ଭାବଭକ୍ତିମୟ କରିଦିଏ । ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଏହିଭଳି ଦେବୀନୃତ୍ୟ କେବଳ ଏହିପୀଠର ନିଆରାପରମ୍ପରା ବୋଲି ମନ୍ଦିର କାର୍ଯ୍ୟ ନିର୍ବାହୀଙ୍କଠାରୁ ପ୍ରକାଶ ।

# ଆକାଂକ୍ଷା ଜିଲ୍ଲା ନୋଡାଲ ଅଧିକାରୀଙ୍କ ସମୀକ୍ଷା ଏବଂ କ୍ଷେତ୍ର ପରିଦର୍ଶନ

**ଜୟପୁର, (ନୀଳାଞ୍ଚଳ ପ୍ରଧାନ) :** କୋରାପୁଟ ଆକାଂକ୍ଷା ଜିଲ୍ଲା ନୋଡାଲ ଅଧିକାରୀ ତଥା ଶ୍ରମ ଓ କର୍ମନିୟୋଜନ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ପ୍ରମୁଖ ଶାସନ ସଚିବ ଆଜି କୋରାପୁଟ ଠାରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରିଛନ୍ତି । ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ । ଜୟପୁରଠାରେ ନିର୍ମାଣଧିନ ସଦର ମହକୁମା ହସପିଟାଲକୁ ନୂତନ ବର୍ଷରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମେଗା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ । ଫ୍ଲାଗସିପ କାର୍ଯ୍ୟକ୍ରମ ଯଥା ସୁଭଦ୍ରା, ପିଏମ କିଷାନ, ସିଏମ କିଷାନ, ପୋଷଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମନରେଗା, ପେନସନ ପ୍ରଭୃତି ଉପରେ ସମୀକ୍ଷା କରିଥିଲେ । କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଉପସ୍ଥିତ ରହିଥିବା ବେଳେ ଜୟପୁର ଉପ ଜିଲ୍ଲାପାଳ



ସୁଶ୍ରୀ ଆକାଭାରମ ସସ୍ୟା ରେଡ୍ଡୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ, କୋରାପୁଟ ବନଖଣ୍ଡ ଅଧିକାରୀ କେଭି ଭାସ୍କର ରାଓ, ଯୋଜନା ଓ ପର୍ଯ୍ୟବେକ୍ଷଣ ସହକାରୀ ନିର୍ଦ୍ଦେଶକ ଅଳକା ଜେନା ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେୟ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ । ସମୀକ୍ଷା ବୈଠକ ପରେ ନୋଡାଲ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ । କୋରାପୁଟ ଠାରେ ନିର୍ମାଣଧିନ ୬୫୦ ଶଯ୍ୟା ବିଶିଷ୍ଟ ଅଧାପନା ହସପିଟାଲ ପରିଦର୍ଶନ କରିଥିଲେ । ଜୟପୁର ଠାରେ ନିର୍ମାଣଧିନ ସଦର ମହକୁମା ହସପିଟାଲ ଓ ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ । ନୋଡାଲ ଅଧିକାରୀଙ୍କ ପରିଦର୍ଶନ ସମୟରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ସହ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# କୁଆଁରିଆ ନାଳରୁ ମିଳିଲା ମହିଳାଙ୍କ ମୃତଦେହ

**ଜେନାପୁର (ବିନୟ ଜେନାମଣି) :** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମହିଶରା ପଞ୍ଚାୟତ ଅଧିନସ୍ଥ ଝାଟିଆପଡା ଗ୍ରାମର ଦୋଷୋଦା ସାହୁ(୫୮), ସ୍ୱାମୀ ଫଗୁ ସାହୁ ଆଜି ସକାଳ ପ୍ରାୟ ପାଞ୍ଚଟା ସମୟରେ ଉଠି କୁଆଡେ ପଳାଇଯିବାର ଖବର ମିଳିଥିଲା । ପ୍ରତି



ଦିନ ପରି ଆଜି ସକାଳୁ ଉଠି କୁଆଁରିଆ ନାଳକୁ ଗାଧେଇ ଯାଇଥଲେ ଦୋଷୋଦାୟ ବହୁ ସମୟ ଅପେକ୍ଷା କଲା ପରେ ତାଙ୍କ ସ୍ତ୍ରୀ ଘରକୁ ନଫେରିବାରୁ ନାଳ ପାଖକୁ ଯାଇ ଖୋଜା ଖୋଜି କରିଥିଲେ ପରିବାର ଲୋକ । ପରିବାର ଲୋକେ ଓ ଗାଁଲୋକ ବହୁ ଖୋଜା ଖୋଜି କଲେ ହେଲେ ମହିଳା ଜଣଙ୍କର କୌଣସି ପତ୍ତା ପାଇନଥିଲେ । ପରେ ଅଗ୍ନିଶମ ବିଭାଗଙ୍କୁ ଖବର ଜଣାଇଥିଲେ । ସେମାନେ ଆସି ମଧ ବହୁ ସମୟ ଧରି ପାଣିରେ ଖୋଜା ଖୋଜି କଲେ ହେଲେ ମହିଳାଙ୍କର ସନ୍ଧାନ ପାଇନଥିଲେ । ପରେ ପରିବାର ଲୋକେ ଜେନାପୁର ଥାନା ଅଧୀନସ୍ଥ ଚଢ଼େଇଧରା ବିଟ୍ ହାଉସ୍‌ରେ ଅଭିଯୋଗ କରିଥିଲେ । ଅପରାହ୍ନ ଚାରିଟା ବେଳେ ଏନ୍ ଏଚ ୫୩ ନମ୍ବର ଜାତୀୟ ରାଜପଥ ପାଖ ଏକ ବଡ଼ ବ୍ରିଜ ନିକଟରେ ମହିଳା ଜଣଙ୍କ ଏକ ଛୋଟ କୁଦରେ ଲାଗିଥିବାର କିଛି ବାଟୋଇ ଦେଖିଲେ । ତାପରେ ପରିବାର ଲୋକେ ଖବର ପାଇ ସେଠି ପହଞ୍ଚିଥିଲେ ଓ ତାଙ୍କୁ ଚିହ୍ନିଥିଲେ । ପରେ ଚଢ଼େଇ ଧରା ବିଟ୍ ହାଉସର ଅଧିକାରୀ ଅନିଲ କୁମାର ସାହୁ ସେହି ଜାଗାରେ ପହଞ୍ଚି ଶବକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୋଷ୍ଟମର୍ଟମ କରିବା ପାଇଁ ପଠାଇ ଅନୁସନ୍ଧାନ ଜାରି ରଖିଥିଲେ ।

# ମେଡିକାଲ ଛକ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧିତ ହେଲା ମୋ ପରିବାର

**ଜଟଣୀ, (ଯୁବମୋର୍ଚ୍ଚା ବ୍ୟୁରୋ) :** ରାମଚନ୍ଦ୍ରପୁର ସ୍ଥିତ ମାଉ ରାୟଣୀ ପୀଠରୁ ଅଗ୍ରଣୀ ସାମାଜିକ ସଂଗଠନ ମୋ ପରିବାରର ସଦସ୍ୟମାନେ ଓଡିଶା ପ୍ରସିଦ୍ଧ ଜଟଣୀ ଗଣେଷ ପୂଜାର ସମସ୍ତ ପୂଜା ମଣ୍ଡପରେ ଦର୍ଶନ କରିବା ସହିତ ସମାଜରେ ସଂସ୍କାରିତ ମାଧ୍ୟମରେ ପରିବର୍ତ୍ତନ ପାଇଁ ଏକ ନିଆରା ପ୍ରୟାସକୁ କିପରି ସଫଳତାରେ କାର୍ଯ୍ୟ କରିପାରିବେ ଶ୍ରୀଗଣେଷ, ଲକ୍ଷ୍ମୀ ଓ ସରସ୍ୱତୀଙ୍କଠାରୁ ଆଶୀର୍ବାଦ କାମନା କରିଥିଲେ । ମୋ ପରିବାରର ପ୍ରତିଷ୍ଠାତା ସାମ୍ବାଦିକ ଶୁଭେନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ବାଇକରେ ବାହାରି ପ୍ରଥମେ ହରିଭାଇନା ଛକ ପୂଜାମଣ୍ଡପରେ ଦର୍ଶନ କରିବା ପରେ ସମସ୍ତ ପୂଜା ମଣ୍ଡପ ଯାଇଥିଲେ ଏବଂ ଲୋକମାନଙ୍କୁ ମୋ ପରିବାରର ନୀତି, ନିୟମ ଏବଂ କାର୍ଯ୍ୟ ବିଷୟରେ ଲିଫଲେଟ୍ ମାଧ୍ୟରେ ଅବଗତ କରାଇଥିଲେ । ମେଡିକାଲ ଛକ ପୂଜା ମଣ୍ଡପର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତା ମାନେ ସ୍ୱାଗତ କରିବା ସହିତ ମୋ ପରିବାର ପ୍ରତିଷ୍ଠାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଗୋପବନ୍ଧୁ ଛକ ପୂଜାମଣ୍ଡପର ସମ୍ପାଦକ ସ୍ୱାଗତ କରିବା ସମୟରେ ଉପସ୍ଥିତ ଥିବା କଂଗ୍ରେସ ନେତା ସଂଗ୍ରାମ କେଶରୀ ରାଉତରାୟ, ବିଜେପି ନେତା ବିଶ୍ୱରଂଜନ ବଡ଼ଜେନା, ବିଜେଡି ନେତା ସୁଦର୍ଶନ ସୁନ୍ଦରାୟ ଏବଂ ବରିଷ୍ଠ ଆଇନଜୀବୀ ଅବନୀ ରାଉତରାୟ ପ୍ରମୁଖ ମୋ ପରିବାର ବିଷୟରେ ଶ୍ରୀ ଶତପଥୀଙ୍କ ଠାରୁ ବୁଝିବାର ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ମହାବୀର ସେନାର ସଭାପତି ଶୁଭ୍ରାଂଶୁ କୁମାର, ମିନତୀ ପ୍ରଧାନ, ରୋଶନ ନାୟକ, ମୋ ପରିବାର ମନୋଜ ଜେନା, ବୁବୁ ସ୍ୱାଇଁ, ଭାଗ୍ୟଧର ମହାପାତ୍ର, ମନୋଜ ମହାରଣା, ଗଟୁ ଶର୍ମା, ଆକାଶ ଚମ୍ପତି, ସସ୍ମିତା ମହାପାତ୍ର, ମଧୁମିତା ପାଣି, ସନ୍ଧ୍ୟା ରାଣୀ ମହାରଣା, ଭାରତୀ ସିଂହ, ସିକନ ଦାସ, ମିଠି ମହାପାତ୍ର ସହିତ ମିଳିତ ସଂଘର ବହୁ ସଦସ୍ୟ ଓ ସଦସ୍ୟା ମାନେ ଯୋଗ ଦେଇଥିଲେ ।



# ଡେଲାଙ୍ଗ ବ୍ଲକ ଅଧକ୍ଷା ପଦବୀ ପାଇଁ ରହିତାଦେଶ ଜାରି କଲେ ଜିଲ୍ଲା କୋର୍ଟ

**ଡେଲାଙ୍ଗ, (ଯୁବମୋର୍ଚ୍ଚା ବ୍ୟୁରୋ) :** ବହୁ ଚର୍ଚ୍ଚିତ ଡେଲାଙ୍ଗ ବ୍ଲକ ଅଧକ୍ଷା ପଦବୀ ପାଇଁ ବିବାଦ ପରେ ବିବାଦ ସାମ୍ନାକୁ ଆସୁଥିବା ବେଳେ ପୁଣି ଏକ ନୂଆ ଘଟଣା ସାମ୍ନାକୁ ଆସିଛି। ଚଳିତ ମାସ ୧୯ ତାରିଖରେ ପିପିଲି ସିନିୟର ସିଭିଲ ଜଜ୍ କୋର୍ଟଙ୍କ ଦ୍ୱାରା ଡେଲାଙ୍ଗ ବ୍ଲକ ଅଧକ୍ଷା ପଦବୀକୁ ଅସିଦ୍ଧ ଘୋଷଣା ହୋଇଥିଲା । ଶନିବାର ପୁରୀ ଜିଲ୍ଲା କୋର୍ଟ ଏହା ଉପରେ ରହିତାଦେଶ ଜାରି କରିଛନ୍ତି। ମିଳିଥିବା ସୂଚନା ମୁତାବକ ୩ଟି ସନ୍ତାନ ଥିବାରୁ ଡେଲାଙ୍ଗ ବ୍ଲକ ଅଧକ୍ଷା ତଥା ହରିରାଜପୁର ପଞ୍ଚାୟତର ସମିତି ସଭ୍ୟା ବାସନ୍ତୀ ସାହୁଙ୍କ ୨ଟି ଯାକ ପଦବୀକୁ ଗତ ୧୯ ତାରିଖରେ ପିପିଲି ସିନିୟର ସିଭିଲ ଜଜ୍ କୋର୍ଟ ଅସିଦ୍ଧ ଘୋଷଣା କରିଥିଲେ । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କରୁଥିବା ଡେଲାଙ୍ଗ କୋଠବାଡ ପଞ୍ଚାୟତର ସମିତି ସଭ୍ୟା ରମାଦେବୀ ରାଉତରାୟଙ୍କୁ ଡେଲାଙ୍ଗ ବ୍ଲକ ଅଧକ୍ଷା ଦାୟିତ୍ୱ ଗ୍ରହଣ କରିବାକୁ କୋର୍ଟ ଆଦେଶ ପ୍ରଦାନ କରିଥିଲେ। ଏନେଇ ବାସନ୍ତି ପୁରୀ ଜିଲ୍ଲା କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଚ୍ୟାଲେଞ୍ଜ କରିଥିଲେ। ତେବେ ପିପିଲି ସିନିୟର ସିଭିଲ ଜଜ୍‌ଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ଉପରେ ପୁରୀ ଜିଲ୍ଲା କୋର୍ଟ ରହିତାଦେଶ ଜାରି କରିବା ସହିତ ଆସନ୍ତା ମାସ ୭ ତାରିଖରେ ଶୁଣାଣି କରାଯିବ ବୋଲି ମାନ୍ୟବର କୋର୍ଟ ଆଦେଶ ଦେଇଥିବା ଜଣାପଡିଛି ।

# ମନ୍ଦିର ପରିସରରୁ ଚୋରି କରି ୨ ଗିରଫ

**ଜଟଣୀ:(ଯୁବମୋର୍ଚ୍ଚା ବ୍ୟୁରୋ) :** ମନ୍ଦିର ପରିସରରୁ ଲୁହା ରଡ ଓ ଲୁହା ପାଇପ ଚୋରି କରିବା ଅଭିଯୋଗରେ ପୁଲିସ ୨ ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ ଯୁଧିଷ୍ଠିର ସାମନ୍ତରା ନାମକ ଜଣେ ବ୍ୟକ୍ତି ସ୍ଥାନୀୟ ବଗଳାମୁଖୀ ମନ୍ଦିରରେ ମୁଖ୍ୟ ସେବକ । ଗତ ୨୭ ତାରିଖ ଅପରାହ୍ନ ୫ଟା ସମୟରେ ତିନି ଜଣ ଅଜଣା ବ୍ୟକ୍ତି ଉକ୍ତ ମନ୍ଦିର ପରିସରେ ପଡିଥିବା କିଛି ଲୁହା ରଡ ଓ ଲୁହା ପାଇପକୁ ଏକ ଅଟୋ ସାହାଯ୍ୟରେ ଚୋରୀ କରିନେବାର ଖବର ପାଇଥିଲେ ।



ଅଭିଯୁକ୍ତମାନେ ଚୋରୀଯାଇଥିବା ସାମଗ୍ରୀ ଗୁଡ଼ିକୁ ନିକଟସ୍ଥ ଏକ କବାଡି ଦୋକାନରେ ବିକ୍ରୟ କରିବାକୁ ପ୍ରୟାସ କରୁଥିବା ସମୟରେ ପୂଜକ ଏହାର ଖବର ପାଇଥିଲେ । ସେମାନେ ହେଲେ ବୁଢ଼ାପଡା ଗ୍ରାମ ଦୋଳମଣ୍ଡପ ସାହିର ବାଲାଜୀ ବେହେରା ଓରଫ ବାଲା (୪୮) ଏବଂ ବ୍ରାହ୍ମଣ ସାହିର କର୍ପୁର ପଣ୍ଡା ଓରଫ ପପୁ (୩୬) ଦୁଇ ଅଭିଯୁକ୍ତଙ୍କୁ କାବୁ କରି ପୁଲିସ ଜିମାରେ ଦେବା ସହିତ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ନିକଟରୁ ଚୋରୀଯାଇଥିବା ସାମଗ୍ରୀ ସବୁ ସହିତ ଘଟଣାରେ ବ୍ୟବହୃତ ଅଟୋଟିକୁ ଜବତ କରିଛନ୍ତି ।